# ରାହାଗିରିରେ ପିକକ୍

**ବିଶ୍ୱ ପରିବାର ଦିବସ ପାଳନ - ପରିବାର, ସୁସ୍ଥଜୀବନ ଓ ଦୀର୍ଘମିଆଦି ଭବିଷ୍ୟତ**

ରବିବାର ଦିନ ରାହାଗିରି କାର୍ଯ୍ୟକ୍ରମରେ ସହରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଅଂଶଗ୍ରହଣ କରିଥିଲା, ଯାହାର ମୁଖ୍ୟ ବିଷୟବସ୍ତୁ ଥିଲା କେୟାର ଫର୍ ଚେଞ୍ଜ । ଏହି ଅବସରରେ ମେ ୧୫ ତାରିଖ ବିଶ୍ୱ ପରିବାର ଦିବସ ଉପଲକ୍ଷେ ପିକକ୍ ଓ ରୋଟାରୀ କ୍ଲବ ଅଫ୍ ହେରିଟେଜ ଭୁବନେଶ୍ୱର ପକ୍ଷରୁ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ପରିବାର ସମ୍ବନ୍ଧୀୟ କିଛି ପସନ୍ଦ ମୁତାବକ ପ୍ରଶ୍ନ ପଚରାଯାଇ ଉପହାର ପ୍ରଦାନ କରାଯାଇଥିଲା । ପରିବାରରେ କିଭଳି ସମସ୍ତେ ହସ ଖୁସିରେ ରହିବା ସହ ନିରାପଦ ଓ ସୁସ୍ଥ ଜୀବନ ଯାପନ କରି ଯୌଥ ପରିବାରକୁ ମଜ୍‌ବୁତ କରିପାରିବେ ସେଥିପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା । ଏଥିରେ ଶିଶୁମାନଙ୍କ ନିମନ୍ତେ  ଚିଲଡ୍ରେନ କର୍ଣ୍ଣର- ସୋ ଇୟୋର ଟ୍ୟାଲେଣ୍ଟ  କାର୍ଯ୍ୟକ୍ରମରେ ବହୁ ଶିଶୁମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ପିଲାମାନଙ୍କ ପାଇଁ  ଏକ କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ବହୁ ସଂଖ୍ୟାରେ ପିଲାମାନେ ନୃତ୍ୟ କର୍ମଶାଳାରେ ଯୋଗ ଦେଇ ନୃତ୍ୟ ଶିକ୍ଷା କରିଥିଲେ । ଏତଦ୍ ବ୍ୟତୀତ, ଶିଶୁମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।